# ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ୍ୟଙ୍କ ଅନୁଗୋଳ ଜିଲ୍ଲା ଗସ୍ତ ।

## ପାନୀୟ ଜଳ ଯୋଗାଣ ଓ ଧାନ ସଂଗ୍ରହ ବ୍ୟବସ୍ଥାକୁ ବ୍ୟବସ୍ଥିତ ଭାବେ କରାଯିବ -ଉପାଧକ୍ଷ୍ୟ ।

ଅନୁଗୋଳ, ତା୨୯.୧୨:- ଜିଲ୍ଲାରେ କାର୍ଯ୍ୟକ୍ଷମ ହେଉଥିବା ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଖରିଫ ଧାନ ସଂଗ୍ରହ ଓ ପାନୀୟ ଜଳ ଯୋଗାଣର କାର୍ଯ୍ୟକାରିତାକୁ ସମୀକ୍ଷା କରିବା ନିମନ୍ତେ ରାଜ୍ୟ ଯୋଜନା ବୋର୍ଡର ଉପାଧକ୍ଷ୍ୟ ଶ୍ରୀ ସଂଜୟ କୁମାର ଦାସ ବର୍ମା ଆଜି ଅନୁଗୋଳ ଗସ୍ତରେ ଆସିଥିଲେ । ଅପରାହ୍ନରେ ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ଉପାଧକ୍ଷ୍ୟ ଯୋଗ ଦେଇ ପାନୀୟ ଜଳ ଯୋଗାଣ ଓ ଧାନ ସଂଗ୍ରହ ବ୍ୟବସ୍ଥାକୁ ବ୍ୟବସ୍ଥିତ ଭାବେ କରାଯିବ ବୋଲି ପ୍ରକାଶ କରିଥିଲେ । ଏହି ବୈଠକରେ ଢେଙ୍କାନାଳ ସାଂସଦ ଶ୍ରୀ ମହେଶ ସାହୁ, ଅନୁଗୋଳ ବିଧାୟକ ତଥା ବିଧାନ ସଭାର ଉପବାଚସ୍ପତି ଶ୍ରୀ ରଜନୀକାନ୍ତ ସିଂହ,ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ,ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା, ଆଠମଲ୍ଲିକ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଏ, ପାଲଲହଡା ବିଧାୟକ ଶ୍ରୀ ମୁକେଶ କୁମାର ପାଲ ପ୍ରମୁଖ ଯୋଗ ଦେଇ ନିଜ ନିଜ ଅଂଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ଉପାଧକ୍ଷ୍ୟଂକ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଂକୁ ସ୍ୱାଗତ ଜଣାଇବା ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଖରିଫ ଧାନ ସଂଗ୍ରହ ଓ ପାନୀୟ ଜଳ ଯୋଗାଣର ସଠିକ୍ କାର୍ଯ୍ୟକାରିତା ସମ୍ପର୍କରେ ଉପାଧକ୍ଷ୍ୟଂକ ଦୃଷ୍ଟି ଆକର୍ଷଣ କରିଥିଲେ । ଖରିଫ ଧାନ ସଂଗ୍ରହ ନିମନ୍ତେ ଚଳିତ ବର୍ଷ ୩୫ ହଜାର ୮୭୭ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ସରକାରଂକ ଧାର୍ଯ୍ୟ ଲକ୍ଷ୍ୟ ୬ ଲକ୍ଷ ୪୪ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୯୭୭ ଜଣ ଚାଷୀଂକ ଠାରୁ ୯୫ ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି ବୋଲି ଉପାଧକ୍ଷ୍ୟ ଜାଣିବାକୁ ପାଇଥିଲେ । ଜିଲ୍ଲାରେ ୯୪ଟି ପ୍ରାଥମିକ କୃଷି ସମବାୟ ସମିତି ଦ୍ୱାରା ୮ଟି ମିଲର ଏହି ଧାନ ସଂଗ୍ରହ କରୁଛନ୍ତି । ଜିଲ୍ଲାରେ ଥିବା ଗୋଦାମ ଗୃହ ଗୁଡିକରେ ଖରିଫ ଫସଲ ସଂରକ୍ଷିତ କରି ରଖିବା ନିମନ୍ତେ ବୈଜ୍ଞାନିକ ପ୍ରଣାଳୀ ଅବଲମ୍ବନ କରିବାକୁ ଉପାଧକ୍ଷ୍ୟ ପରାମର୍ଶ ଦେଇଛନ୍ତି । ତାଳଚେର ଓ ଆଠମଲ୍ଲିକରେ ଥିବା ୱେରହାଉସ୍ ମରାମତି କରାଯାଇ କାର୍ଯ୍ୟକ୍ଷମ କରିବାକୁ ଉପାଧକ୍ଷ୍ୟ ପରାମର୍ଶ ଦେଇଛନ୍ତି । ୫ଟି ବ୍ଲକ୍ ଯଥା ତାଳଚେର,ପାଲଲହଡା,ଛେଣ୍ଡିପଦା, କଣିହାଁ ଓ ବଅଁରପାଳରେ ଚାଲିଥିବା ମେଗା ପାଇପ୍ ଜଳ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରାଯାଇ ଜୁନ୍ ମାସ ସୁଦ୍ଧା ପ୍ରତ୍ୟେକ ଘରେ ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି ସରାକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ବୋଲି ଉପାଧକ୍ଷ୍ୟ ପ୍ରକାଶ

କରିଥିଲେ । ଆଠମଲ୍ଲିକ ଓ କିଶୋରନଗର ବ୍ଲକରେ ପାନୀୟ ଜଳ ଯୋଗାଣ ନିମନ୍ତେ ଆସନ୍ତା ଜାନୁୟାରୀ ୫ ତାରିଖ ସୁଦ୍ଧା ଡି ପି ଆର ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଅନୁଗୋଳ ବ୍ଲକରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ ଭାବେ କରାଯାଇ ବର୍ତ୍ତମାନ ସୁଦ୍ଧା ଶତକଡା ୭୫ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ସୂଚନା ପ୍ରଦାନ କରିଥିଲେ । ବିଭିନ୍ନ ଶିଳ୍ପ ସଂସ୍ଥା ଦ୍ୱାରା ପାଇପ୍ ଯୋଗେ ଯୋଗାଇ ଦିଆଯାଉଥିବା ଜଳ ଯୋଗାଣ ବ୍ୟବସ୍ଥା ସହ ସରକାରୀ ଜଳ ଯୋଗଣ ବ୍ୟବସ୍ଥାକୁ ସଂଯୋଗ କରିବାକୁ ବିଧାୟକମାନେ ମତବ୍ୟକ୍ତ କରିଥିଲେ । ଜିଲ୍ଲାରେ ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୭୬ ପ୍ରତିଶତ ସଫଳତା ମିଳିଥିବାରୁ ଉପାଧ୍ୟକ୍ଷ ସନ୍ତୋଷବ୍ୟକ୍ତ କରିଥିଲେ । ସମ୍ପ୍ରତି କରୋନା ସଂକ୍ରମଣରେ ସରକାରଂକ କୋଭିଡ ସହାୟତା ରାଶି ପ୍ରଦାନରେ ଅନୁଗୋଳ ଜିଲ୍ଲା ଶ୍ରେଷ୍ଠ ସ୍ଥାନରେ ଥିବାରୁ ଉପାଧ୍ୟକ୍ଷ ଜିଲ୍ଲାପାଳଂକ ପଦକ୍ଷେପକୁ ପ୍ରଶଂସା କରିଥିଲେ । ଚଳିତ ମାସ ଡିସେମ୍ବର ୨୨ ତାରିଖ ସୁଦ୍ଧା ୩ହଜାର ୬୦୬ ଜଣ ହିତାଧିକାରୀଙ୍କୁ ୧୦.୬୬ କୋଟି ଟଂକାର କୋଭିଡ ସହାୟତା ରାଶି ଯୋଗାଇ ଦିଆଯାଇଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ ।



